## ସରକାରୀ ଭେଷଜ ମହାବିଦ୍ୟାଳୟ ମାନଙ୍କରେ ଖାଲିଥିବା ନନ-ଟିଚିଙ୍ଗ ପୋଷ୍ଟ ପାଇଁ ଆବେଦନ କରିବାର ପ୍ରଣାଳୀ ସମ୍ବନ୍ଧ ରେ ସୂଚନା

*****

ଆବେଦନ କରିବା ପୂର୍ବରୁ ପ୍ରଥମେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିମ୍ନ ରେ ଥିବା ନିର୍ଦ୍ଦେଶ ମୁତାବକ ପ୍ରତ୍ୟକ ଡକୁମେଣ୍ଟ ପାଖରେ ରଖିବେ ।

1) ନିଜର ସମସ୍ତ ଅର୍ଥାତ ଦଶମ , ପ୍ଲସ ଟୁ , ଗ୍ରାଜୁଏସନ, ଡିପ୍ଲୋମା, ମାର୍କ ସିଟ ଓ ସାର୍ଟିଫିକେଟ , ରେସିଡେଣ୍ଟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଓ ବ୍ୟାଙ୍କ ଡ୍ରାଫ୍ଟ


2) ନିଜର ପାସପୋର୍ଟ ଫୋଟୋ ଏବଂ ସମ୍ପୂର୍ଣ ଦସ୍ତଖତ ର କଂପୁଟର ସ୍କାନ କପି

3) ନିଜର ଇ-ମେଲ ଆଇଡି

4) ନିଜର ମୋବାଇଲ ନ

ପ୍ରଥମେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ପାସପୋର୍ଟ ଫୋଟୋ ଏବଂ ସମ୍ପୂର୍ଣ ଦସ୍ତଖତ ର କଂପୁଟର ସ୍କାନ କପି (ଜେ. ପି.ଇ.ଜି) ଫର୍ମ ରେ ସେଭ କରନ୍ତୁ ଯେମିତି କି ପାସପୋର୍ଟ ଫୋଟୋ ଟି 50 କେବି ଓ ଦସ୍ତଖତ ଟି 20 କେବି ଭିତରେ ରହିବ । ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜେ କରିବାରେ ଅସୁବିଧା ର ସମ୍ମୁଖୀନ ହୁଅନ୍ତି , ତେବେ ନିକଟସ୍ଥ କଂପୁଟର ସେଣ୍ଟର ର ସାହାଯ୍ୟ ନେଇପାରିବେ ।


ଯେ କୌଣସି ପୋଷ୍ଟ ପାଇଁ ଆବେଦନ କରିବା ପୂର୍ବରୁ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ପ୍ରଥମେ ନିଜ ନିଜର ନାମ ରେଜିଷ୍ଟ୍ରସନ କରିବାକୁ ପଡିବ ।




- ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ପ୍ରଥମେ ନିଜ ନିଜର ନାମ ରେଜିଷ୍ଟ୍ରସନ କରିବା ପାଇଁ ହେଲେ ସେମାନଙ୍କର ନିଜର ଇ-ମେଲ ଆଇଡି ଦେବାକୁ ପଡିବ । ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କର ନିଜର ଇ-ମେଲ ଆଇଡି ନଥାଏ , ତେବେ ସେମାନେ


କଂପୁଟର ସେଣ୍ଟର ର ଇ-ମେଲ ଆଇଡି ନଦେଇ , ନିଜର ଏକ ଇ-ମେଲ ଆଇଡି ତିଆରି କରନ୍ତୁ ଏବଂ ରେଜିଷ୍ଟ୍ରସନ କରନ୍ତୁ |

- ପ୍ରଥମେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ଇ-ମେଲ ଆଇଡି  ଫିଲଅପ କରନ୍ତୁ
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ସମ୍ପୂର୍ଣ ନାମ (ଦଶମ / ସପ୍ତମ ସାର୍ଟିଫିକେଟ ରେ ଯେଭଳି ଅଛି ) ଫିଲଅପ କରନ୍ତୁ
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ପାସୱାର୍ଡ଼ ଫିଲଅପ କରନ୍ତୁ | ପାସୱାର୍ଡ଼ ଟି **6** ରୁ **8** ଟି ଶବ୍ଦ ମଧ ରେ ହେବା ଆବଶ୍ୟକ | ପାସୱାର୍ଡ଼ ଟିରେ ଅତିକମ୍ ରେ ଗୋଟିଏ ସଂଖ୍ୟା ଓ ଗୋଟିଏ ସ୍ପେସିଆଲ କ୍ୟାରେକ୍ଟର ରହିବା ଆବଶ୍ୟକ | ଯେପରିକି ଧରିନିଅନ୍ତୁ କି ଆପଣଙ୍କ ନାମ ହେଲା ପୁର୍ଣ ଓ ଆପଣଙ୍କ ଜନ୍ମ ମସିହା ହେଲା 78 ମସିହା | ତେବେ ଆପଣଙ୍କ ପାସ୍ୱାର୍ଡ କୁ ଲେଖନ୍ତୁ purna@78
- ପୁଣି ଠାରେ ଆପଣ ଆପଣଙ୍କର ପାସୱାର୍ଡ଼ କୁ ପୁନର୍ବାର ଲେଖନ୍ତୁ |
- ତାପରେ ଆପଣ ଦିଆଯାଇଥିବା ପ୍ରଶ୍ନ ମଧ୍ୟରୁ କୌଣସି ଗୋଟିଏ ପ୍ରଶ୍ନ କୁ ସିଲେକ୍ଟ କରନ୍ତୁ ଏବଂ ତା ତଳେ ତାହାର ଉତର ଲେଖନ୍ତୁ |(ଯଦି କୌଣସି କାରଣରୁ ଆପଣ ଆପଣ ନିଜର ପାସୱାର୍ଡ଼ ଭୁଲିଗଲେ ଏହି ପ୍ରଶ୍ନ ଓ ତାର ଉତର ଦେବାକୁ ପଡିବ , ନହେଲେ ଆପଣଙ୍କ ପାସୱାର୍ଡ଼ ମିଳିବ ନାହିଁ )
- ତାପରେ ତଳେ ଥିବା ବଟନ କୁ କ୍ଲିକ କରନ୍ତୁ | (Click to proceed for online application)
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ କୁ ନିଜ ଦାୟିତ୍ୱ ରେ ଲେଖି ରଖନ୍ତୁ ଯାହାକି ପରବର୍ତୀ ପର୍ଯ୍ୟାୟରେ ଚଏସ ଲକ ବେଳକୁ ଦରକାର ପଡିବ




- ପ୍ରାଥମିକ ରେଜିଷ୍ଟ୍ରସନ ସରିଗଲା ପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଆବେଦନ ପତ୍ର ରେ ନିଜର ସମସ୍ତ ତଥ୍ୟ କୁ ଫିଲଅପ କରିବାକୁ ପଡିବ

- ପ୍ରଥମେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଯେଉଁ ପୋଷ୍ଟ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି , ସେଇ ପୋଷ୍ଟ କୁ ସିଲେକ୍ଟ କରନ୍ତୁ | (ପୋଷ୍ଟ ସିଲେକ୍ଟ କରିବା ପୂର୍ବରୁ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ଯୋଗ୍ୟତା ର ମାନଦଣ୍ଡ ପରଖି ନିଅନ୍ତୁ )
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏକାଧିକ ପୋଷ୍ଟ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ଏକାଧିକ ଥର ଆବେଦନ କରିବାକୁ ପଡିବ ଓ ସେଥିପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏକାଧିକ ଇ-ମେଲ ଆଇଡି ଖୋଲିବାକୁ ପଡିବ କାରଣ ଗୋଟିଏ ଇ-ମେଲ ଆଇଡି ରେ ମାତ୍ର ଗୋଟିଏ ଥର ଆବେଦନ କରି ପାରିବେ |ସେହିପରି ଭାବରେ ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏକାଧିକ ପୋଷ୍ଟ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି, ତେବେ ଏକାଧିକ ବ୍ୟାଙ୍କ ଡ୍ରାଫ୍ଟ କରିବାକୁ ପଡିବ |
- ପୁନର୍ବାର ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ନାମ କୁ ଫିଲଅପ କରିବାକୁ ପଡିବ ନାହିଁ କାରଣ ନିଜର ନାମ ଏଠାରେ ଦେଖେଇବ | ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ନାମ ରେଜିଷ୍ଟ୍ରସନ ବେଳେ ଭୁଲ ଦେଇଥିବେ, ତେବେ ଏଠାରେ ସେହି ଭୁଲ ନାମ ଦେଖେଇବା ଓ ଏହା କୁ ବଦଳା ଯାଇ ପାରିବ ନାହିଁ |
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ପିତା ଙ୍କ ନାମ ଓ ନିଜର ବର୍ଗ (Category) କୁ ଫିଲଅପ କରିବାକୁ ପଡିବ
- ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏକାଧିକ ବର୍ଗ ର ହୋଇଥାନ୍ତି, ତେବେ ସେମାନଙ୍କୁ ସେହି ସେହି ବର୍ଗ କୁ ସିଲେକ୍ଟ କରିବାକୁ ପଡିବ (Press Ctrl + Select Category at a Time)
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ଜନ୍ମ ତରିଖ , ଜାତୀୟତା , ଲିଙ୍ଗ , ବୈବାହିକ ସ୍ଥିତି ର ବିବରଣୀ, ଓ ନିଜର ମୋବାଇଲ ନଂ କୁ ଫିଲଅପ କରିବାକୁ ପଡିବ |



- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ବ୍ୟକ୍ତିଗତ ଯୋଗ୍ୟତା ର ବିଶେଷ ବିବରଣୀ ଯଥା ସେମାନଙ୍କର ସ୍କୁଲ ର ନାମ (School Name for Class 7th Passout for the post of Dissection Hall Assistant only) ବା ମାଟ୍ରିକ ପାସ କରିଥିବା ବୋର୍ଡ଼ ର ନାମ (Board fro which class-10th passed) , କେଉଁ ବର୍ଷ ପାସ କଲେ (year of passing), ସମୁଦାୟ କେତେ ମାର୍କ ର ପରୀକ୍ଷା ଦେଲେ (Full marks appeared), ଓ ସେଥିରୁ ମାନେ ସମୁଦାୟ ମାର୍କ ରୁ କେତେ ମାର୍କ ସ୍ଵୀକୃତ କଲେ(Total marks secured) , ତାହା କୁ ଫିଲଅପ କରିବାକୁ ପଡିବ ।
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ଯୋଗ୍ୟତା ର ବିଶେଷ ବିବରଣୀ ବ୍ୟତୀତ ଅନ୍ୟାନ୍ୟ ବିବରଣୀ କୁ ଫିଲଅପ କରିବା ଦରକାର ନୁହେଁ , ଅର୍ଥାତ , ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସପ୍ତମ ଶ୍ରେଣୀ ଯୋଗ୍ୟତା ର ପୋଷ୍ଟ ପାଇଁ ଆବେଦନ କରୁଥାନ୍ତି , ତେବେ ସେମାନଙ୍କୁ କେବଳ ସପ୍ତମ ଶ୍ରେଣୀ ଯୋଗ୍ୟତା ର ବିଶେଷ ବିବରଣୀ କୁ ଫିଲଅପ କରିବାକୁ ପଡିବ ଓ ବାକି ସବୁ ତଥ୍ୟ ଫିଲଅପ କରିବା ଜରୁରୀ ନୁହେଁ । ସେହିଭଳି ଭାବରେ , ଯଦି କୌଣସି ପ୍ରାର୍ଥୀ / ପ୍ରାର୍ଥୀନୀ ଦଶମ ଶ୍ରେଣୀ ଯୋଗ୍ୟତା ର ପୋଷ୍ଟ ପାଇଁ ଆବେଦନ କରୁଥାନ୍ତି , ତେବେ ସେମାନଙ୍କୁ କେବଳ ଦଶମ ଶ୍ରେଣୀ ଯୋଗ୍ୟତା ର ବିଶେଷ ବିବରଣୀ କୁ ଫିଲଅପ କରିବାକୁ ପଡିବ ଓ ବାକି ସବୁ ତଥ୍ୟ ଫିଲଅପ କରିବା ଆବଶ୍ୟକ ନୁହେଁ ।
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଗ୍ରାଜୁଏସନ ବା ଡିପ୍ଲୋମା ଯୋଗ୍ୟତା ର ପୋଷ୍ଟ ପାଇଁ ଆବେଦନ କରୁଥାନ୍ତି, ତେବେ ସେମାନଙ୍କୁ ଦଶମ ଶ୍ରେଣୀ, ପ୍ଲସ ଟୁ , ଗ୍ରାଜୁଏସନ ବା /ଏବଂ ଡିପ୍ଲୋମା ଯୋଗ୍ୟତା ର ବିଶେଷ ବିବରଣୀ କୁ ଫିଲଅପ କରିବାକୁ ପଡିବ । ଏତଦ ବ୍ୟତୀତ, ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଗ୍ରାଜୁଏସନ ବା ଡିପ୍ଲୋମା ଯୋଗ୍ୟତା କେଉଁ ବିଷୟରେ କରିଛନ୍ତି , ଅର୍ଥାତ ବାଣିଜ୍ୟ / ଅର୍ଥନୀତି / ପରିସଂଖ୍ୟାନ ଭଳି ବିଷୟ କୁ ସିଲେକ୍ଟ କରିବାକୁ ପଡିବ ।
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ , ସେମାନଙ୍କର ପୂର୍ବରୁ ଥିବା ସମକାଳୀନ କ୍ଷେତ୍ର ରେ ଅଭିଜ୍ଞ୍ୟତା ବିଷୟରେ ତଥ୍ୟ ଫିଲଅପ କରିବାକୁ ପଡିବ । ଏବଂ ଜଣେ ପ୍ରାର୍ଥୀ / ପ୍ରାର୍ଥୀନୀ, ସର୍ବାଧିକ ସେମାନଙ୍କର ଶେଷ 4 ଟି କ୍ଷେତ୍ର ଅଭିଜ୍ଞ୍ୟତା ବିଷୟରେ ତଥ୍ୟ ଦେଇପାରିବେ ।
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାନେ ନିକଟସ୍ଥ ବ୍ୟାଙ୍କ ରେ କରିଥିବା ବ୍ୟାଙ୍କ ଡ୍ରାଫ୍ଟ ର ସବିଶେଷ ବିବରଣୀ ଯଥା ବ୍ୟାଙ୍କ ଡ୍ରାଫ୍ଟ ର ନଂ, ତାରିଖ, ବ୍ୟାଙ୍କ ର ନାମ କୁ ଫିଲଅପ କରିବାକୁ ପଡିବ ।
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ନିଜର ସ୍ଥାୟୀ ଠିକଣା ଓ ଯୋଗାଯୋଗ ର ଠିକଣା ପୂରଣ କରନ୍ତୁ । ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କର ନିଜର ସ୍ଥାୟୀ ଠିକଣା ଓ ଯୋଗାଯୋଗ ର ଠିକଣା ଏକ ଅଟେ, ତେବେ ସେମାନେ ଉଭୟ ଙ୍କ ମଝିରେ ଥିବା ଏକ ଚେକ ବକ୍ସ ଠିକ / ସିଲେକ୍ଟ କରନ୍ତୁ ।
- ସବୁ ଯାକ ଉପରୋକ୍ତ ତଥ୍ୟ ଫିଲଅପ କରିସାରିବା ପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ପ୍ରଥମରୁ ସ୍କାନ କରିଥିବା ନିଜର ପାସ୍ପୋର୍ଟ ଫୋଟୋ ଏବଂ ସମ୍ପୂର୍ଣ ଦସ୍ତଖତ ର କଂପୁଟର ସ୍କାନ କପି (ଜେ. ପି.ଇ.ଜି ଫର୍ମ ରେ ସେଭ ହୋଇଥିବା) କୁ ଅପଲୋଡ଼ କରନ୍ତୁ ।
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ, ଅଣ୍ଡରଟେକିଂ ଥିବା ଏକ ଚେକ ବକ୍ସ ଠିକ / ସିଲେକ୍ଟ କରନ୍ତୁ ଓ ତା ତଳେ ଥିବା ବଟନ କୁ କ୍ଲିକ କରନ୍ତୁ ।

- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ, ଅଣ୍ଡରଟେକିଂ ଥିବା ଏକ ଚେକ ବକ୍ସ ଠିକ / ସିଲେକ୍ଟ କରନ୍ତୁ ଓ ତା ତଳେ ଥିବା ବଟନ କୁ କ୍ଲିକ କରନ୍ତୁ ।
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଅନ୍ୟ ଏକ ପୃଷ୍ଠା ଦେଖି ପାରିବେ ଯେଉଁଥିରେ ସେମାନଙ୍କୁ କୁ ଉପର ଡାହାଣ କୋଣ କୁ ପ୍ରିଣ୍ଟ ଓ ହୋମ ଲେଖାଥିବା ଦେଖିପାରିବେ । ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କର ଦେଇଥିବା ସମସ୍ତ ବିବରଣୀ ସଠିକ ଥାଏ, ତେବେ ସେମାନେ ସେମାନଙ୍କର ଦରଖାସ୍ତ କୁ ପ୍ରିଣ୍ଟ ନେଇପାରିବେ (2 କପି) । ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କର ଦେଇଥିବା କୌଣସି ବିବରଣୀ ଭୁଲ ଥାଏ, ତେବେ ସେମାନେ ହୋମ ଲେଖା ଉପରେ କ୍ଲିକ କଲେ ସେମାନଙ୍କୁ ଅନ୍ୟ ଏକ ପୃଷ୍ଠା ଦେଖାଯିବ ଓ ସେଥିରେ ସେମାନେ ସେମାଙ୍କର ଭୁଲ ବିବରଣୀ କୁ ସଂଶୋଧନ କରିପାରିବେ (ଉପରୋକ୍ତ ପ୍ରଣାଳୀ କୁ ପୁନର୍ବାର କରନ୍ତୁ)।
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଦରଖାସ୍ତ କୁ ପ୍ରିଣ୍ଟ ନେଇ ସରିଲା ପରେ , ଏକ କପି କୁ ନିଜର ମାର୍କ ସିଟ ଓ ସାର୍ଟିଫିକେଟ ର ଜେରକ୍ସ କପି ସହ ମଗାଯାଇଥିବା ଦସ୍ତାବିଜ ସହିତ ନିର୍ଧାରିତ ସ୍ଥାନକୁ ନିର୍ଧାରିତ ସମୟରେ ଆସି ଭେରିଫିକେଶନ କରାଇ ନେବେ । ଭେରିଫିକେଶନ ନକରାଇପାରିଲେ, ପ୍ରାର୍ଥୀ / ପ୍ରାର୍ଥୀନୀ ଙ୍କ ଦରଖାସ୍ତ ଗ୍ରହଣ ଯୋଗ୍ୟ ବା ଯୋଗ୍ୟ ବିବେଚିତ ହେବ ନାହିଁ ।
- ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଆବେଦନ କରିବା ପ୍ରଣାଳୀ ରେ କୌଣସି ଜାଗାରେ ବୈଷୟିକ ତ୍ରୁଟି ର ସମ୍ମୁଖୀନ ହୁଅନ୍ତି, ତେବେ ସେମାନଙ୍କୁ ନିମ୍ନ ମୋବାଇଲ ନଂ ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**08917682098**

- ବି:ଦ୍ର :- ଆବେଦନ କରିବା ପ୍ରଣାଳୀ ରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ଏସ. ଏମ. ଏସ ଯିବାର ବା କୌଣସି ଇ-ମେଲ ଯିବାର ବ୍ୟବସ୍ଥା ନାହିଁ । ଆବେଦନ କରିବା ପ୍ରଣାଳୀ ରେ, ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଆବେଦନ ପତ୍ର ର ପ୍ରିଣ୍ଟ ନେବା ମାନେ ସେମାନଙ୍କର ଆବେଦନ ପତ୍ର ପରୋକ୍ଷ ଭାବରେ କର୍ତ୍ତୃପକ୍ଷ ଙ୍କ ନିକଟରେ ପହଂଚିଛି ବୋଲି ଧରିନିଆଯିବ ମାତ୍ର ଆବେଦନ ପତ୍ର କୁ ବୈଦ୍ଧ କରିବା ନିମନ୍ତେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ନିଜର ମାର୍କ ସିଟ ଓ ସାର୍ଟିଫିକେଟ ର ଜେରକ୍ସ କପି ସହ ମଗାଯାଇଥିବା ଦସ୍ତାବିଜ ସହିତ ନିର୍ଧାରିତ ସ୍ଥାନକୁ ନିର୍ଧାରିତ ସମୟରେ ଆସି ଭେରିଫିକେଶନ କରାଇ ନେବାକୁ ପଡିବ । ଯଦି କୌଣସି କାରଣ ବଶତଃ ପ୍ରାର୍ଥୀ / ପ୍ରାର୍ଥୀନୀ ଭେରିଫିକେଶନ ନକରିପାରନ୍ତି , ତେବେ ସେମାଙ୍କର ଆବେଦନ ଗ୍ରହଣ ଯୋଗ୍ୟ ବିବେଚିତ ହେବ ନାହିଁ ଓ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ନିଜର ମାର୍କ ସିଟ ଓ ସାର୍ଟିଫିକେଟ ର ଜେରକ୍ସ କପି ସହ ମଗାଯାଇଥିବା ଦସ୍ତାବିଜ ସହିତ ନିର୍ଧାରିତ ସ୍ଥାନକୁ ନିର୍ଧାରିତ ସମୟରେ ଆସି ଭେରିଫିକେଶନ କରାଇ ନେବା ପରେ , ପଦବୀ ଅନୁସାରେ ଏକ ସାଧାରଣ ମେରିଟ ଲିଷ୍ଟ ତିଆରି କରାଯିବ । ଓ ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଇ-ମେଲ ଆଇଡି ଓ ପାସୱାର୍ଡ଼ ଦେଇ ସେମାନଙ୍କର ଚଏସ ପୂରଣ କରିବେ । ନିଜର ମେରିଟ ଲିଷ୍ଟ ଓ ଦେଇଥିବା ଚଏସ ଅନୁସାରେ ଖାଲିଥିବା ପଦବୀ ବିପକ୍ଷରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ଯାହାକି ସେମାନେ ନିର୍ଦ୍ଧାରିତ ତାରିଖରେ ୱେବସାଇଟ ରୁ ଡାଉନଲୋଡ କରିପାରିବେ । ଯଦି କୌଣସି ପ୍ରାର୍ଥୀ / ପ୍ରାର୍ଥୀନୀ ସେମାନଙ୍କର ଚଏସ ପୂରଣ କରିନଥିବେ, ତେବେ ସେମାନଙ୍କୁ ଖାଲି ଥିବା ପଦବୀ ବିପକ୍ଷ ରେ ଚୟନ କରାଯାଇ ପାରିବ ନାହିଁ ଓ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ କୁ ନିଜ ଦାୟିତ୍ୱ ରେ ଲେଖି ରଖନ୍ତୁ ଯାହାକି ପରବର୍ତୀ ପର୍ଯ୍ୟାୟରେ ଦରକାର ପଡିବ ।